# OFFICE OF THE COLLECTOR AND DISTRICT MAGISTRATE, KEONJHAR
## (DISTRICT CHILD PROTECTION UNIT)

(D-13/C

## Office Order

**No.** 213 **Date.** 01.07.2021

In view of the instructions received from the Department of Women & Child Development Department Vide litter No. WCD-CW-MISC-0023-2021-9239/WCD & MS, dtd 20.06.2021, under the scheme for **Specially Cared Children "ASHIRBAD"** to give effect to the directions of the Hon'ble supreme court in Suo Moto WP(C) No.4 of 2020 the following officials are directed to assist the District Child Protection Officer, in identifying and monitoring the well being of the children who have become orphan or lost either of their parents on or after 1st April-2020 due to COVID or otherwise. As per the instruction received from Govt. Of Odisha, these children will be included in the ASHIRBAD Yojana .

- The CDMO, Keonjhar to direct the Medical Officers of the CHCs/PHCs under him to provide weekly database in the enclosed format to DCPU on every Monday.
- The PD, DRDA, Keonjhar to direct all the BDOs to provide weekly database in the enclosed format to DCPU on every Monday.
- The Additional District Magistrate, Keonjhar to direct all the Tahashildars to provide weekly database in the enclosed format to DCPU on every Monday.
- The SP, Keonjhar to direct all the IICs to provide weekly database in the enclosed format to DCPU on every Monday.
- The EO, Municipality, Anandapur, Barbil, Joda & Keonjhar to direct all concerned officials to provide weekly database in the enclosed format to DCPU on every Monday.
- The Director, CHILDLINE, Keonjhar to provide weekly database in the enclosed format to DCPU on every Monday.
- The Chairman, NGO Co-ordination committee to direct the NGOs at different block and Municipality area to provide weekly database in the enclosed format to DCPU on every Monday.
- The CWC, Keonjhar to ensure that the essential needs of such children are provided during the pendency of the inquiry and all financial benefits to which the child is entitled to be provided without delay.
- The DIPRO, Keonjhar to facilitate the wide publicity of the provisions of the Juvenile Justice Act, 2015 and other prevailing schemes which would benefit the affected children.
- The DEO, Keonjhar to direct all the BEOs to ensure for the continuance of education of such children both in Govt. as well as in private Schools.
- The District Panchayat Officer, Keonjhar to direct the GPEOs to provide weekly database in the enclosed format to DCPU on every Monday.
- The DSWO, Keonjhar to direct all the CDPOs to provide weekly database in the enclosed format to DCPU on every Monday.
- The DCPO, Keonjhar to reach out to such children within 24hrs of receiving such information, to ensure the availability of essential needs and ensure and updating of such database in the BAL SWARAJ portal of NCPCR.

Furthermore, all the Officials are hereby directed to be watchful for preventing such children being trafficked/married forcefully/engaged as child labour/adopted illegally.

COLLECTOR, KEONJHAR

District Child Protection Unit,
Collectorate Campus, Keonjhar
Phone no-06766-255052, Email- dcpo.keonjhar.od@nic.in
Department of Women and Child Development & M.S, Govt Of Odisha

P-12/C

Memo No. 213 (1) Date. 01-07-2021

Copy forwarded to all the concerned Officers for information and necessary action.

COLLECTOR, KEONJHAR

Memo No. 213 (2) Date. 01-07-2021

Copy forwarded to the Director ,OSCPS, for kind information.

COLLECTOR, KEONJHAR

Memo No. 213 (3) Date. 01-07-2021

Copy forwarded to DIO,NIC,Keonjhar information and requested to upload information and provisions related to different Child Protection Scheme.

COLLECTOR, KEONJHAR

# ଆଶୀର୍ବାଦ ଯୋଜନାରେ ସହାୟତା ପାଇଁ ଆବେଦନ ଫର୍ମ
## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କେନ୍ଦୁଝର,ଫୋନ : ୦୬୭୬୬-୨୫୫୦୫୨
## ମହିଳା ଓ ଶିଶୁ ବିକାଶ ବିଭାଗ,ଓଡିଶା ସରକାର

ହିତାଧିକାରୀଙ୍କ ଫଟୋ

୧. ହିତାଧିକାରୀ (ଶିଶୁ) ର ନାମ:........................................................

୨. ବୟସ.....................................ଲିଙ୍ଗ:......................................

୩. ହିତାଧିକାରୀଙ୍କ ଜନ୍ମ ତାରିଖ (ସ୍କୁଲ ସାର୍ଟିଫିକେଟ / ଜନ୍ମ ପ୍ରମାଣ ପତ୍ର ଅନୁଯାଇ):.............

୪. ଶିକ୍ଷାଗତ ଯୋଗ୍ୟତା:..........................................................

ଅନୁଷ୍ଠାନର (ବିଦ୍ୟାଳୟ/ମହାବିଦ୍ୟାଳୟ) ନାମ:..........................................

୫. ସ୍ଥାୟୀ ଠିକଣା:

ଗ୍ରାମ :..............................ଗ୍ରାମ ପଞ୍ଚାୟତ :...........................ବ୍ଲକ :..........................

ଥାନା:....................................ପିନ :.........................ଫୋନ ନମ୍ବର :........................

୬. ହିତାଧିକାରୀ କେଉଁ ବର୍ଗରେ ସହାୟତା ପାଇବାକୁ ଯୋଗ୍ୟ

ପିତୃ ମାତୃହୀନ ଶିଶୁ ☐

ରୋଜଗାରକ୍ଷମ ପିତାଙ୍କୁ ହରାଇଥିବା ଶିଶୁ ☐

ରୋଜଗାରକ୍ଷମ ମାତାଙ୍କୁ ହରାଇଥିବା ଶିଶୁ ☐

ହିତାଧିକାରୀ ଶିଶୁ ଯତ୍ନ ଅନୁଷ୍ଠାନ ରେ ରହୁଛନ୍ତି କି ? ☐

୭. ପିତାଙ୍କ ମୃତ୍ୟୁ ତାରିଖ ☐ ମାତାଙ୍କ ମୃତ୍ୟୁ ତାରିଖ ☐

୮. ହିତାଧିକାରୀ ଏବେ କାହା ପାଖରେ ରହୁଛନ୍ତି

ନାମ:.....................................................ସମ୍ପର୍କ:.......................ବୟସ............

ଠିକଣା ........................................................ଫୋନ ନମ୍ବର :..........................

୯. ହିତାଧିକାରୀଙ୍କ ବ୍ୟାଙ୍କ ଖାତା ଅଛି କି ? ଯଦି ହଁ ତେବେ

ଖାତାଧାରୀଙ୍କ ନାମ :....................................ଆକାଉଣ୍ଟ ନମ୍ବର :..............................

ବ୍ୟାଙ୍କର ନାମ :................................................ IFSC code.............................

୧୦. ହିତାଧିକାରୀଙ୍କର ଯଦି ବ୍ୟାଙ୍କ ଖାତା ନାହିଁ, ତେବେ

ଅଭିଭାବକଙ୍କ ନାମ:..............................................ଆକାଉଣ୍ଟ ନମ୍ବର...............................

୧୧. ଆଧାର କାର୍ଡ ନଂ :.............................................

୧୨. କେଉଁ ସବୁ ସରକାରୀ ଯୋଜନାର ହିତାଧିକାରୀ ପରିବାର ପାଇଛନ୍ତି ।

କ. ଖାଦ୍ୟ ସୁରକ୍ଷା ଯୋଜନା ☐ ଖ. ଇନ୍ଦିରା/ପ୍ରଧାନ ମନ୍ତ୍ରୀ ଆବାସ/ବିଜୁ ପକ୍କାଘର ☐ ଗ. ଶୌଚାଳୟ ☐

ଘ. ମୋ କୁଡିଆ ☐ ଙ. ବାର୍ଦ୍ଧକ୍ୟ/ବିଧବା/ଦିବ୍ୟାଙ୍ଗ ଭତ୍ତା ☐ ଚ. ଅନ୍ୟାନ୍ୟ କିଛି ଯୋଜନା ☐

ବ୍ୟାଙ୍କର ନାମ:................................................ IFSC code :............................

**୧୧.** ଆବେଦନ ପତ୍ର ସହ ଦାଖଲ କରିଥିବା ନଥିପତ୍ରର ନକଲ :

| | | | |
|---|---|---|---|
| ବୟସ ପ୍ରମାଣ ପତ୍ର(ଜନ୍ମ ପ୍ରମାଣ ପତ୍ର/ସ୍କୁଲ ସାର୍ଟିଫିକେଟ): | ☐ | ଫଟୋ (୨ଗୋଟି): | ☐ |
| ପିତା/ମାତା/ଉଭୟଙ୍କ ମୃତ୍ୟୁ ପ୍ରମାଣ ପତ୍ର: | ☐ | ବ୍ୟାଙ୍କ ଖାତା: | ☐ |
| ହିତାଧିକାରୀ ଏବଂ ଅଭିଭାବକଙ୍କ ଆଧାର କାର୍ଡ: | ☐ | ଶିଶୁର ଆଧାର କାର୍ଡ: | ☐ |
| ଖାଉଟି କଲ୍ୟାଣ ଯୋଜନା କାର୍ଡ : (ଯଦି ଅଛି) | ☐ | | |

## <u>ସତ୍ୟପାଠ</u>

ମୁଁ ସତ୍ୟପାଠ କରୁଛି କି ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ତଥ୍ୟାବଳି ମୋ ଜ୍ଞାତ ସାରରେ ସଠିକ ଅଟେ ।

ତାରିଖ:.......................

ହିତାଧିକାରୀ/ଆବେଦନକାରୀ/ଅଭିଭାବଙ୍କ ଦରଖାସ୍ତ

ମୁଁ ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିବା ସମସ୍ତ ବିବରଣୀ ଯାଞ୍ଚ କରିଛି ଏବଂ ମୋ ମତରେ ଆବେଦନକାରୀ **ଆଶୀର୍ବାଦ ଯୋଜନା** ନିମନ୍ତେ ଉପଯୁକ୍ତ/ଅନୁପଯୁକ୍ତ ଅଟନ୍ତି ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସ୍ୱାକ୍ଷର ସହିତ ମୋହର

ଉପରୋକ୍ତ ବିବରଣୀ ସତ୍ୟଅଟେ/ସତ୍ୟନୁହଁ/ଏତଏବ ସୁପାରିଶ କରାଗଲା /କରାଗଲା ନାହିଁ ।

ବ୍ଲକ ଉନ୍ନୟନ ଅଧିକାରୀଙ୍କ ସ୍ୱାକ୍ଷର ସହିତ ମୋହର

---

## <u>ଆବେଦନ ପତ୍ର ପ୍ରାପ୍ତି ସ୍ୱୀକାର</u>

ନଂ....................

ତାରିଖ............................

ହିତାଧିକାରୀ ............................................ଙ୍କଠାରୁ, ମୁଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍,କେନ୍ଦୁଝରପକ୍ଷରୁ ଆବେଦନ ପତ୍ର ଓ ସମସ୍ତ ସହାୟକ ନଥି ପତ୍ର ଗ୍ରହଣ କଲି ।

ତାରିଖ :....................

ଦସ୍ତଖତ

## Documents Required to Apply under Ashribad Yojana

1. Application form with duly certified by concerned CDPO & BDO.
2. Adhar Card copy of Beneficiary
3. Adhar Card copy of Parents/Gardians
4. Adhar Linked Bank Account details (Beneficiary/Guardian)
5. 2 Passport size & one full size Photograph of the beneficiary.
6. Copy of Death Certificate of Parents.
7. Birth Proof of the Child(School Certificate/Birth Certificate)
8. Education Proof( Education Continuing Proof(School/College/AWC)

15/7/21

District Child Protection Officer

Keonjhar

# ଓଡ଼ିଶା ସରକାର
## ମହିଳା ଓ ଶିଶୁ ବିକାଶ ବିଭାଗ

ପତ୍ର ସଂ. **WCD-CW-MISC-0023-2021- 9239 WCD&MS**, ତାରିଖ: ୨୦.୦୬.୨୦୨୧

**ଆଶୀର୍ବାଦ** : ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲାମାନଙ୍କ ପାଇଁ ଯୋଜନା

### (୧) ପୃଷ୍ଠଭୂମି :

କୋଭିଡ-୧୯ ମହାମାରୀ ଅନେକ ପିଲାଙ୍କୁ ପ୍ରଭାବିତ କରିଛି । ଯେଉଁମାନେ ନିଜ ପିତାମାତା ବା ପରିବାରର ପ୍ରାଥମିକ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଛନ୍ତି ସେହିମାନେ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।
ଏହି ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ପିଲାମାନଙ୍କର କଲ୍ୟାଣ ପାଇଁ ଓଡିଶା ସରକାର ପ୍ରତିଶୃତିବଦ୍ଧ । ଏହି ପିଲାମାନଙ୍କୁ ଏକ ସୁରକ୍ଷା କବଚ ପ୍ରଦାନ କରିବା ପାଇଁ ସରକାର ଅତୀତରେ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରିଛନ୍ତି , ବିଶେଷ କରି **ବିଜୁ ଶିଶୁ ସୁରକ୍ଷା ଯୋଜନା, କିଶୋର ନ୍ୟାୟ ପାଣ୍ଠି ଏବଂ ଶିଶୁ ସୁରକ୍ଷା ଯୋଜନା** । ବର୍ତ୍ତମାନର ଯୋଜନା ସେହି ଶିଶୁ ମାନଙ୍କ ଜୀବନରେ ସକାରାତ୍ମକ ବିକାଶ ଆଣିବା ଦିଗରେ ସରକାରଙ୍କର ପ୍ରତିଶୃତିବଦ୍ଧତାକୁ ସଶକ୍ତ କରିବା ଦିଗରେ ଏକ ପଦକ୍ଷେପ ।

**ଆଶୀର୍ବାଦ** ଯୋଜନାର ଲକ୍ଷ୍ୟ ହେଉଛି ଶିଶୁକୁ ନିଜ ମୂଳ ସ୍ଥାନରେ ରଖି ପୁନର୍ବାସ କରାଯିବ ଏବଂ ଶିଶୁର ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଅଣ-ଆନୁଷ୍ଠାନିକ ସାମାଜିକ-ସାଂସ୍କୃତିକ ପରିବେଶରେ ପରିବାର ସମାନ ଶିଶୁର ଜୀବନକୁ ଜାରି ରଖାଯିବ। ଯତ୍ନ ପ୍ରଦାନକାରୀ ବ୍ୟକ୍ତି ଓ ଅନ୍ୟ ସମ୍ପର୍କୀୟ ମାନଙ୍କୁ ଶିଶୁକୁ ଶ୍ରେଷ୍ଠ ଯତ୍ନ ପ୍ରଦାନ କରିବାକୁ ଉତ୍ସାହିତ କରିବାପାଇଁ ସୁନିଶ୍ଚିତ କରାଯିବ।

### (୨) ହିତାଧିକାରୀ :

ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁ ୧ ଏପ୍ରିଲ , ୨୦୨୦ କିମ୍ବା ପରବର୍ତ୍ତୀ ସମୟରେ ନିମ୍ନୋକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଯୋଗୁଁ ଏହି ଅସୁବିଧାର ସମ୍ମୁଖୀନ ହେଉଥିବେ। :-

(କ) ଉଭୟ ପିତାମାତା

(ଖ) ଏକକ ପିତାମାତା (ଯେଉଁଠି ଅନ୍ୟ ପିତା ବା ମାତା ପୂର୍ବରୁ ମୃତ୍ୟୁବରଣ କରିଥିବେ)

(ଗ) ଗୋଟିଏ ପିତାମାତା ଯିଏକି ପରିବାରର ପ୍ରାଥମିକ ରୋଜଗାରକାରୀ ବ୍ୟକ୍ତି ହୋଇଥିବେ ଏବଂ ଶିଶୁଟି ଅନ୍ୟ ବଞ୍ଚିଥିବା ପିତାମାତା ସହିତ ରହୁଥିବ ।

### (୩) ସହାୟତା :

୩.୧. ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁ ୨(କ) ଓ ୨ (ଖ) ବର୍ଗରେ ଆସୁଥିବେ ଏବଂ ଶିଶୁ କଲ୍ୟାଣ କମିଟିର ନିର୍ଦ୍ଦେଶ କ୍ରମେ ନିଜ ପରିବାରର ସମ୍ବନ୍ଧୀୟ ମାନଙ୍କ ସହିତ ରହୁଥିବେ ।

୩.୧.୧. ଶିଶୁର ପ୍ରତିପୋଷଣ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ଖର୍ଚ୍ଚ ବାବଦକୁ ମାସକୁ ୨,୫୦୦/- ଯତ୍ନ ପ୍ରଦାନକାରୀ ପରିବାରର ବ୍ୟାଙ୍କ ଖାତାକୁ ବୈଦ୍ୟୁତିକ ପ୍ରକ୍ରିୟାରେ ଶିଶୁଟି ୧୮ ବର୍ଷ ହେବା ପର୍ଯ୍ୟନ୍ତ କିମ୍ବା ପୋଷ୍ୟ ଗ୍ରହଣ ପ୍ରକ୍ରିୟା (ଯାହା ପ୍ରଥମେ ପଡିବ) ସେହି ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

୩.୧.୨. ଶିଶୁଟି ରାଜ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା-ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହେବ।

୩.୧.୩. ଜାତୀୟ ଖାଦ୍ୟ ସୁରକ୍ଷା ଆଇନ କିମ୍ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ଏକ ହିତାଧିକାରୀ ଭାବରେ ଶିଶୁଟି ଅନ୍ତର୍ଭୁକ୍ତ ହୋଇ ତାହାର ସୁଫଳ ପାଇବ ।

୩.୧.୪. ଦ୍ୱିତୀୟ ମାତା ପିତାଙ୍କ ମୃତ୍ୟୁ ପୂର୍ବରୁ ଶିଶୁଟି ବିନାମୁଲ୍ୟରେ ଯେଉଁ ସ୍କୁଲ ରେ ଶିକ୍ଷା ଲାଭ କରୁଥିବ , ସେଠାରେ ଶିକ୍ଷା ଚାଲୁ ରହିବ। ଯଦି ଶିଶୁଟି ନିଜ ସମ୍ବନ୍ଧୀୟ ମାନଙ୍କ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିବ,ତେବେ ଯେତେଦୂରସମ୍ଭବସେମିତି ଏକ ସ୍କୁଲରେ ଯଥାଶୀଘ୍ର ତାର ନାମ ଲେଖାଯିବ। ଯଦି ଆବଶ୍ୟକ ହୁଏ , ଶିଶୁର ନାମ ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ଅନ୍ୟ କୌଣସି ସରକାରୀ ସ୍କୁଲରେ ସେମାନଙ୍କ ମାନଦଣ୍ଡ ଅନୁସାରେ ନାମ ଲେଖାଯିବ ।

ଶିକ୍ଷା ଅଧିକାର ଆଇନ-୨୦୦୯ ଧାରା ୧୨ (୧)(ଗ) ଅନୁସାରେ ଯେତେ ଦୂର ସମ୍ଭବ ଶିଶୁଟି ବିନା ମୁଲ୍ୟରେ ଶିକ୍ଷା ଗ୍ରହଣ କରିବ। ରାଜ୍ୟ ଦ୍ୱାରା ସେକ୍ସନ-୨ , ଧାରା ୧୪ର ଉପଧାରା (୨) ଓ (୪) ରେ ନିର୍ଦ୍ଦିଷ୍ଟ କରାଯାଇଅଛି ପ୍ରଥମ ଶ୍ରେଣୀରେ ୨୫% ଶିଶୁ ଦୁର୍ବଳ ଓ ନିମ୍ନ ବର୍ଗର ହୋଇଥିବେ , ଯେଉମାନଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବ ।
ଯଦି ଯତ୍ନ ପ୍ରଦାନକାରୀ ପରିବାର ଚାହିଁବେ, କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ ସେହି ଶିଶୁର ନାମଲେଖା ପାଇଁ ସହାୟତା ଯୋଗାଇଦେବେ ।

୩.୧.୫. ଉଚ୍ଚଶିକ୍ଷା ପାଇଁ ଶିଶୁଟି ଓଡିଶା ସରକାରଙ୍କର ଉଚ୍ଚ ଶିକ୍ଷା ବିଭାଗର " Green Passage" ଯୋଜନା ସହିତ ସଂଲଗ୍ନ ହୋଇ ପରବର୍ତ୍ତୀ ଶିକ୍ଷା ଗ୍ରହଣ କରିପାରିବ ।

୩.୧.୬. ଶିଶୁର କଲ୍ୟାଣ ପାଇଁ ଯତ୍ନ ପ୍ରଦାନକାରୀ ପରିବାରକୁ ଉତ୍ସାହିତ କରିବାପାଇଁ ଯୋଗ୍ୟ ବିବେଚିତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ /ସହର), ବିଜୁ ପକ୍କାଘର ଯୋଜନା କିମ୍ବା ସେପରି ସମାନ ଧରଣର ଯୋଜନାର ସୁବିଧା ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ।

୩.୧.୭. ଯତ୍ନ ପ୍ରଦାନକାରୀ ପରିବାର ଅନ୍ୟ କୌଣସି ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ଯୋଗ୍ୟ ବିବେଚିତ ଥିଲେ ତାଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ।

୩.୧.୮. ପୋଲିସ, ତହସିଲଦାର ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (DCPU) ସହିତ ଯୋଗାଯୋଗ କରି ଶିଶୁ କଲ୍ୟାଣ କମିଟି (CWC) ଶିଶୁର ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

୩.୧.୯. ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ( DCPU) ନିୟମିତ ଭାବରେ ସେପରି ଶିଶୁଙ୍କ ପ୍ରତି ବ୍ୟକ୍ତିଗତ ଦୃଷ୍ଟି ପ୍ରଦାନ କରି ନିୟମିତ ଫଲୋଅପ କରି ନିଶ୍ଚିତ କରିବେ ଯେ ଶିଶୁର ସ୍ୱାର୍ଥ ସୁରକ୍ଷା ଉପଯୁକ୍ତ ଭାବରେ କରାଯାଇଛି ଏବଂ ଶିଶୁକୁ ଉପଯୁକ୍ ଯତ୍ନ ପ୍ରଦାନ କରାଯାଇଛି ।

୩.୧.୧୦.ଯଦି ଅନ୍ୟଥା ଯୋଗ୍ୟ ବୋଲି ଜଣାପଡେ , ବିଜୁ ଶିଶୁ ସୁରକ୍ଷା ଯୋଜନା , କିଶୋରନ୍ୟାୟ ପାଣ୍ଠି ରେ ନିର୍ଦ୍ଧାରିତ ସହାୟତା ଯୋଗ୍ୟ ବିବେଚିତ ଶିଶୁଙ୍କୁ ପ୍ରଦାନ କରାଯିବ।

୩.୧.୧୧.ଶିଶୁଙ୍କ ପାଇଁ ସମୟ ବିଶେଷରେ ସ୍ୱତନ୍ତ୍ର ଆବଶ୍ୟକତା ସହିତ ଅନ୍ୟ କୌଣସି ସହାୟତା ଯାହା ସରକାରଙ୍କ ଦ୍ୱାରା ଘୋଷଣା କରାଯିବ।

୩.୨. ବର୍ଗ ୨(କ) ଓ ୨(ଖ) ରେ ଆସୁଥିବେ ଏବଂ ଶିଶୁ କଲ୍ୟାଣ କମିଟି (CWC) ର ନିର୍ଦ୍ଦେଶକ୍ରମେ ଆନୁଷ୍ଠାନିକ ଯତ୍ନରେ ରହୁଥିବେ ।

୩.୨.୧. କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୧୫ ର ଶିଶୁ ସୁରକ୍ଷା ଯୋଜନା ମାନଦଣ୍ଡ ଅନୁସାରେ ମୁକ୍ତ ଯତ୍ନ ଓ ସୁରକ୍ଷା ସହିତ ମାସକୁ ୧,୦୦୦/- ଟଙ୍କା ଶିଶୁର ବ୍ୟାଙ୍କଖାତାକୁ ନିୟମିତ ବୈଦ୍ୟୁତିକ ପ୍ରକ୍ରିୟାରେ ଶିଶୁଟି ୧୮ ବର୍ଷ ହେବା ପର୍ଯ୍ୟନ୍ତ କିମ୍ବା ପୋଷ୍ୟ ଗ୍ରହଣ ଯାହା ପ୍ରଥମେ ପଡିବ ସେ ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

୩.୨.୨. ଶିଶୁଟି ରାଜ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା (ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା) ରେ ଅନ୍ତର୍ଭୁକ୍ତ ହେବ।

୩.୨.୩. ଦ୍ୱିତୀୟ ମାତା ପିତାଙ୍କ ମୃତ୍ୟୁ ପୂର୍ବରୁ ଶିଶୁଟି ବିନା ମୂଲ୍ୟରେ ଯେଉଁ ସ୍କୁଲରେ ଶିକ୍ଷା ଲାଭ କରୁଥିବ, ସେଠାରେ ଶିକ୍ଷା ଚାଲୁ ରଖିବ।

ଶିକ୍ଷା ଅଧିକାର ଆଇନ-୨୦୦୯ ଧାରା ୧୨ (୧)(ଗ) ଅନୁସାରେ ଯେତେ ଦୂର ସମ୍ଭବ ଶିଶୁଟି ବିନା ମୂଲ୍ୟରେ ଶିକ୍ଷା ଗ୍ରହଣ କରିବ। ରାଜ୍ୟ ଦ୍ୱାରା ସେକ୍ସନ-୨ , ଧାରା ୧୪ର ଉପଧାରା (୨) ଓ (୪) ରେ ନିର୍ଦ୍ଦିଷ୍ଟ କରାଯାଇଅଛି ଯେ, ପ୍ରଥମ ଶ୍ରେଣୀରେ ୨୫% ଶିଶୁ ଦୁର୍ବଳ ଓ ନିମ୍ନ ବର୍ଗର ହୋଇଥିବେ , ଯେଉମାନଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବ ।

ଯଦି ଶିଶୁ ଯତ୍ନ ଅନୁଷ୍ଠାନ ଦୂର କିମ୍ବା ଅନ୍ୟ ସ୍ଥାନରେ ଥାଏ , ତେବେ ଶିଶୁଟିର ନାମ ସେହିଭଳି ଏକ ବିଦ୍ୟାଳୟରେ ଲେଖାଯିବ, ଯେଉଁଠାରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ୟ ଅନ୍ତେବାସୀମାନେ ସେହି ସ୍କୁଲରେ ପଢୁଥିବେ। ଯଦି ସମ୍ଭବ ହୁଏ, ଓଡିଶା ଆଦର୍ଶ ବିଦ୍ୟାଳୟ , କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା କୌଣସି ସରକାରୀ ସ୍କୁଲରେ ସେମାନଙ୍କ ମାନଦଣ୍ଡ ଅନୁସାରେ ନାମ ଲେଖାଯିବ।

୩.୨.୪. ଉଚ୍ଚଶିକ୍ଷା ପାଇଁ ଶିଶୁଟି ଓଡିଶା ସରକାରଙ୍କର ଉଚ୍ଚ ଶିକ୍ଷା ବିଭାଗର "Green Passage" ଯୋଜନା ସହିତ ସଂଲଗ୍ନ ହୋଇ ପରବର୍ତ୍ତୀ ଶିକ୍ଷା ଗ୍ରହଣ କରିପାରିବ।

୩.୨.୫. ପୋଲିସ୍ ତହସିଲଦାର ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (DCPU) ସହିତ ଯୋଗାଯୋଗ କରି ଶିଶୁ କଲ୍ୟାଣ କମିଟି (CWC) ଶିଶୁର ସମ୍ପତ୍ତିର ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

୩.୨.୬.ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (DCPU) ନିୟମିତ ଭାବରେ ସେପରି ଶିଶୁଙ୍କ ପ୍ରତି ବ୍ୟକ୍ତିଗତ ଦୃଷ୍ଟି ପ୍ରଦାନ କରି ନିୟମିତ ଫଲୋଅପ କରି ନିଶ୍ଚିତ କରିବେଯେ ଶିଶୁର ସ୍ୱାର୍ଥ ସୁରକ୍ଷା ଉପଯୁକ୍ତ ଭାବରେ କରାଯାଇଛି ଏବଂ ଶିଶୁକୁ ଉପଯୁକ୍ତ ଯତ୍ନ ପ୍ରଦାନ କରାଯାଇଛି ।

୩.୨.୭. ଯଦି ଅନ୍ୟଥା ଯୋଗ୍ୟ ବୋଲି ଜଣାପଡେ, ବିଜୁ ଶିଶୁ ସୁରକ୍ଷା ଯୋଜନା, କିଶୋରନ୍ୟାୟ ପାଣ୍ଠି ରେ ନିର୍ଦ୍ଧାରିତ ସହାୟତା ଯୋଗ୍ୟ ବିବେଚିତ ଶିଶୁଙ୍କୁ ପ୍ରଦାନ କରାଯିବ।

୩.୨.୮. ଶିଶୁଙ୍କ ପାଇଁ ସମୟ ବିଶେଷରେ ସ୍ୱତନ୍ତ୍ର ଆବଶ୍ୟକତା ସହିତ ଅନ୍ୟ କୌଣସି ସହାୟତା ଯାହା ସରକାରଙ୍କଦ୍ୱାରା ଘୋଷଣା କରାଯିବ।

୩.୩. ବର୍ଗ ୨(ଗ) ପାଇଁ-ଯେଉଁଠି ଶିଶୁ ନିଜ ବଞ୍ଚିଥିବା ପିତା ମାତା ପାଖରେ ରହୁଥିବ।

୩.୩.୧. ଶିଶୁର ପ୍ରତିପୋଷଣ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ଖର୍ଚ୍ଚ ବାବଦକୁ ମାସକୁ ୧,୫୦୦/-ଟଙ୍କା ବଞ୍ଚିଥିବା ପିତାମାତାଙ୍କ ବ୍ୟାଙ୍କ ଖାତାକୁ ବୈଦ୍ୟୁତିକ ପ୍ରକ୍ରିୟାରେ ଶିଶୁଟି ୧୮ ବର୍ଷ ହେବା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ମାତ୍ର ଶିଶୁଟି ଯଦି ଆତ୍ମ ସମର୍ପଣ କରେ ଏବଂ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ ଦିଆଯାଏ, ତାହେଲେ ଆର୍ଥିକ ସହାୟତା ବନ୍ଦ କରାଯିବ।

୩.୩.୨.ମଧୁବାବୁ ପେନସନ ଯୋଜନାରେ ଶିଶୁର ମାଆକୁ ବିଧବା ଭତ୍ତା ପ୍ରଦାନ କରାଯିବ ଯଦି ଯୋଗ୍ୟ ବିବେଚିତ ହୁଏ।

୩.୩.୩. ବଞ୍ଚିଥିବା ପିତାମାତା ଓ ଶିଶୁ ଯୋଗ୍ୟ ବିବେଚିତ ହେଲେ ଜାତୀୟ ଖାଦ୍ଯ ସୁରକ୍ଷା ଆଇନ କିମ୍ବା ରାଜ୍ୟ ଖାଦ୍ଯ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ତାହାର ସୁଫଳ ପାଇବେ ।

୩.୩.୪. ଶିଶୁଟି ରାଜ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା (ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା) ରେ ଅନ୍ତର୍ଭୁକ୍ତ ହେବ ।

୩.୩.୫. ଶିଶୁଟିକୁ ବିନା ମୂଲ୍ୟରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଶିକ୍ଷା ଚାଲୁ ରଖିବ ପାଇଁ ସୁବିଧା ଯୋଗାଇ ଦିଆଯିବ।

୩.୩.୬. ଜିଲ୍ଲା ଶିଶୁ ମଙ୍ଗଳ କମିଟି ( CWC) ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ( DCPU) ନିୟମିତ ଭାବରେ ସେପରି ଶିଶୁଙ୍କ ପ୍ରତି ବ୍ୟକ୍ତିଗତ ଦୃଷ୍ଟି ପ୍ରଦାନ କରି ନିୟମିତ ଫଲୋଅପ କରି ନିଶ୍ଚିତ କରିବେଯେ ଶିଶୁର ସ୍ୱାର୍ଥ ସୁରକ୍ଷା ଉପଯୁକ୍ତ ଭାବରେ କରାଯାଇଛି ଏବଂ ଶିଶୁକୁ ଉପଯୁକ୍ତ ଯତ୍ନ ପ୍ରଦାନ କରାଯାଇଛି ।

୩.୩.୭. ଯଦି ଅନ୍ୟଥା ଯୋଗ୍ୟ ବୋଲି ଜଣାପଡେ, ବିଜୁ ଶିଶୁ ସୁରକ୍ଷା ଯୋଜନା, କିଶୋରନ୍ୟାୟ ପାଣ୍ଠି ରେ ନିର୍ଦ୍ଧାରିତ ସହାୟତା ଯୋଗ୍ୟ ବିବେଚିତ ଶିଶୁଙ୍କୁ ପ୍ରଦାନ କରାଯିବ ।

୩.୩.୮. ଶିଶୁଙ୍କ ପାଇଁ ସମୟ ବିଶେଷରେ ସ୍ୱତନ୍ତ୍ର ଆବଶ୍ୟକତା ସହିତ ଅନ୍ୟ କୌଣସି ସହାୟତା ଯାହା ସରକାରଙ୍କଦ୍ୱାରା ଘୋଷଣା କରାଯିବ ।

## (୪) କାର୍ଯ୍ୟକାରୀ ସଂସ୍ଥା :

ଶିଶୁ ସୁରକ୍ଷା ଯୋଜନା (CPS) ଅନ୍ତର୍ଗତ ବର୍ତ୍ତମାନର ବିଦ୍ୟମାନ ବ୍ୟବସ୍ଥା କାର୍ଯ୍ୟକାରୀ ସଂସ୍ଥା ଭାବରେ ଏହି ଯୋଜନାର କ୍ରିୟାନ୍ୱୟନ ପାଇଁ ରାଜ୍ୟରେ କାର୍ଯ୍ୟ କରିବ ଅର୍ଥାତ ରାଜ୍ୟ ସ୍ତରରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି (OSCPS) ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (DCPU) କାର୍ଯ୍ୟ କରିବ ।

## (୫) ଅନୁମୋଦନ ପାଇଁ ପ୍ରକ୍ରିୟା :

(ଅ) ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (DCPU), ଚାଇଲ୍ଡ ଲାଇନ , ବ୍ଲକସ୍ତରୀୟ ଓ ପଞ୍ଚାଯତସ୍ତରୀୟ ଶିଶୁ ସୁରକ୍ଷା କମିଟି , ଆଗଧାଡିର କର୍ମୀ, ସାମାଜିକ ଅନୁଷ୍ଠାନ ଇତ୍ୟାଦି ମାଧ୍ୟମରେ ଶିଶୁର ଚିହ୍ନଟ କରିବ ଏବଂ ଉପଯୁକ୍ତ SIR ପ୍ରସ୍ତୁତ କରିବ ଏବଂ ଉପଯୁକ୍ତ ସହାୟକ ଦଲିଲ ଗୁଡିକ ସଂଗ୍ରହ କରିବ ।

(ଆ) ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ଶିଶୁ ମାନଙ୍କ ଚିହ୍ନଟ ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ପ୍ରତିବର୍ଷ ନିୟମିତ ଭାବରେ କରାଯିବାର ବ୍ୟବସ୍ଥାକୁ କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ ନିଶ୍ଚିତ କରିବେ ଯାହା ଫଳରେ କୌଣସି ଶିଶୁ ଯୋଜନରୁ ବାଦ ପଡିବେ ନାହିଁ। ସେପରି ଶିଶୁ ମାନଙ୍କର database ରାଜ୍ୟ ସ୍ତରରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି (OSCPS) ରଖିବ ।

(ଇ) ଯୋଗ୍ୟ ଶିଶୁ, ତାର ଯତ୍ନ ପ୍ରଦାନକାରୀ ପରିବାର ସିଧାସଳଖ ( DCPO) ଙ୍କ ପାଖରେ ମୃତ୍ୟୁ ପ୍ରମାଣପତ୍ର ସହିତ ଆବେଦନ କରିପାରିବେ। SIR ଏବଂ ତଦନ୍ତ ହେଲାପରେ ଆବେଦନର ୩୦ ଦିନ ମଧ୍ୟରେ DCPOଙ୍କ ଦ୍ୱାରା ପ୍ରକ୍ରିୟାକରଣ କରାଯିବ ।

(ଈ) ଏହି ଯୋଜନାର ସୁଫଳ ପାଇଁ DCPU “ସ୍ୱତନ୍ତ୍ର ଶିଶୁ ଯତ୍ନ ପ୍ରମାଣପତ୍ର” ପ୍ରଦାନ କରିବା ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ଦକ୍ଷ ଅଧିକାରୀ ଅଟନ୍ତି। ସେହିପରି ପ୍ରତ୍ୟେକ ଶିଶୁକୁ I-Card ମଧ ପ୍ରଦାନ କରାଯିବ ।

(ଉ) ଉପଯୁକ୍ତ ତଦନ୍ତ କରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (DCPO) ଦାବି ପତ୍ର କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଦାଖଲ କରିବେ ଯିଏକି ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ସହାୟତାର ଅନୁମୋଦନକାରୀ ଅଧିକାରୀ ହେବେ ।

(ଊ) ଆର୍ଥିକ ସହାୟତା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (DCPO) ଉପରେ ବର୍ଣିତ ହିତାଧିକାରୀ/ଯତ୍ନ ପ୍ରଦାନକାରୀ

ପରିବାର / ବଞ୍ଚିଥିବା ପିତାମାତାଙ୍କ ବ୍ୟାଙ୍କଖାତାକୁ ପଠେଇବେ ।

(ର) ଜିଲ୍ଲା ଶିଶୁ ମଙ୍ଗଳ କମିଟି (CWC) ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ( DCPU), ମହିଳା ଓ ଶିଶୁ ବିକାଶ ବିଭାଗର ଆଗଧାଡିର କର୍ମୀମାନଙ୍କ ସହିତ ଯୋଗାଯୋଗ କରି ନିୟମିତ ଭାବରେ ଫଲୋଅପ ପରିଦର୍ଶନ କରିବେ ଏବଂ ପ୍ରତ୍ୟେକ ଶିଶୁର ପ୍ରଗତି ରିପୋର୍ଟ ନଥିକରି ରଖିବେ ।

(ଏ) ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (DCPU) ମାସିକ ପ୍ରଗତି ବିବରଣୀ ପ୍ରଦତ୍ତ ଫର୍ମାଟ ରେ ପ୍ରସ୍ତୁତ କରି ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି (OSCPS) କୁ ପ୍ରଦାନ କରିବେ ।

(ଐ) ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ( DCPU) ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସହିତ ସଂଯୋଜନା କରି ନିଶ୍ଚିତ କରିବେ ଯେ ସେପରି ଶିଶୁ ମାନଙ୍କୁ ଯୋଜନାର ସୁଫଳ ପ୍ରଦାନ କରାଯାଇଛି ।

(ଓ) ଯଦି କୌଣସି ଶିଶୁ ପାଇଁ ପାଣ୍ଠି ଆବଶ୍ୟକତା କିମ୍ବା ସ୍ୱତନ୍ତ୍ର ଆବଶ୍ୟକତାରେ ଫାଙ୍କ ଦେଖାଦିଏ , ତାହା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ପୂରଣ କରାଯିବ ।

## (୬) ଅଭିଯୋଗ ସମାଧାନ:

କଲେକ୍ଟର ଓ ଜିଲ୍ଲା ମାଜିଷ୍ଟ୍ରେଟ ଏହି ଯୋଜନାର ଅଭିଯୋଗ ସମାଧାନ ଅଧିକାରୀ ରହିବେ ।

୧ ଏପ୍ରିଲ କିମ୍ବା ପରବର୍ତ୍ତୀ ସମୟରେ ଯତ୍ନ ପ୍ରଦାନକାରୀ ମୃତ୍ୟୁ ଯୋଗୁଁ ଶିଶୁଟି ଯଦି ଅତ୍ୟଧିକ ଅସୁବିଧାର ସମ୍ମୁଖୀନ ହେଉଥାଏ ଏବଂ ଉପରୋକ୍ତ ୩ଟି ମାନଦଣ୍ଡରେ ଆସୁ ନଥାଏ ମାତ୍ର ବାଧ୍ୟତାମୂଳକ ମାନବିକତା ପରିସ୍ଥିତି ଥାଏ ସେପରି ସ୍ଥଳେ କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଧ୍ୟାନର ସହ ବ୍ୟକ୍ତିଗତ ସନ୍ତୁଷ୍ଟିରେ ଧାରା ୩.୨ ଓ ୩.୩ ଅନୁସାରେ ଆବଶ୍ୟକ ସ୍ଥଳେ ସହାୟତା ପ୍ରଦାନ କରିପାରିବେ ।

/

**Government of Odisha**
**Department of Women & Child Development**

No. WCD-CW-MISC-0023-2021- **9239** /WCD&MS, Dt: **20-06-2021**

NOTIFICATION

**Ashirbad :** Scheme for Specially cared children

1. **Backdrop:**

The COVID-19 pandemic has affected many children who are facing difficulties due to death of both of parents or death of a primary bread earner in the family during this period.

Govt of Odisha is committed for the welfare of these specially cared children. To provide a safety cover to these children, Govt has taken various initiatives in the past, particularly support under Biju Sishu Surkshya Yojana, Juvenile Justice Fund and Child protection scheme. The present scheme reinforces the commitment of the Govt to bring positive development in their life.

Ashirbad aims for in-situ rehabilitation and continuation of their life in similar family based non-institutional socio-cultural environment, where ever feasible and in the best interest of the child, and to ensure that care givers and other kith and kins are encouraged to provide best of the care to these children.

2. **Beneficiary:**

Specially cared Children who have faced difficulties due to demise, on or after 1st April 2020, of:

A. Both parents

B. Single parent (including case where in death of another parent occurred earlier)

C. One parent who is primary bread earner, and the child continues to live with the remaining parent

3. **Suppport:**

**3.1. Specially cared children in the category 2(A) and 2(B) and placed in 'kith and kin care' by the order of CWC:**

3.1.1. A sum of Rs.2,500/- per month till the child attains 18 years of age or till adoption, whatever is earlier, will be electronically transferred to the bank account of the care giver family towards maintenance, health, education etc. of the child.

3.1.2. The child will be covered under the State health assurance scheme: Biju Swasthya Kalyan Yojana.

3.1.3. The child will be included as beneficiary and avail entitlements under National Food Security Act or State Food Security Scheme.

3.1.4. The child will be facilitated to continue his/her study free of cost in the same school where he/she was going prior to death of second parent. In case the child is shifted to another place where the kith and kin are living, child will be admitted in a similarly placed school as far as possible. If required, the child will be assisted for admission in OAV, KV or any other Govt school with in their criteria.

The child will get free education, as far as possible, under Section 12(1)(c) of the RTE Act, 2009, which states, "specified in sub-clauses (iii) and (iv) of Clause (n) of Section 2 shall admit in class I, to the extent of at least twenty-five per cent of the strength of that class, children belonging to weaker section and disadvantaged group in the neighbour hood and provide free and compulsory elementary education till its completion".

Collector & District Magistrate will provide necessary assistance in admission of such children if the care giver family wishes so.

3.1.5. For higher education, the child will be linked with the Department of Higher Education's "Green Passage" scheme for further education.

3.1.6. To encourage care giver family for wellbeing of such child, the care giver family, if found otherwise eligible under Pradhan Mantri Awas Yojana (Urban/ rural as the case may be), Biju Pakka ghara Yojana or any other similar scheme, will be given out of turn assistance under such scheme with priority.

3.1.7. The care giver family will also be eligible for out of turn assistance with priority under any other Govt schemes where the family is entitled to get the benefit.

3.1.8. CWC in coordination with the DCPU, Tahasildar and police shall take adequate steps for protection of assets and other properties of the child.

3.1.9. DCPU shall provide personalised attention to such child and regular personal follow up shall be done to ensure that the interest of the child is well protected and proper care is extended to the child.

3.1.10. Assistances as specified under Biju Shishu Surakshya Yojana, Juvenile Justice Fund will be available to such children if otherwise found eligible.

3.1.11. Any other assistance as decided by the Govt from time to time including special requirement, if any, of the child.

**3.2. For category 2(A) and 2(B): In case the child is placed in institutional care, by the order of CWC:**

3.2.1. A sum of Rs.1,000/- per month till the child attains 18 years of age or till adoption, whatever is earlier, will be deposited as recurring deposit in the bank account of the child in addition to free care and protection provisions as

per CPS norms under Juvenile Justice (care and protection of children) Act, 2015.

3.2.2. The child will be covered under the State health assurance scheme: Biju Swasthya Kalyan Yojana.

3.2.3. The child will be facilitated to continue his/her study free of cost in the same school where he/she was going prior to death of second parent.

The child will get free education, as far as possible, under Section 12(1)(c) of the RTE Act, 2009, which states, "specified in sub-clauses (iii) and (iv) of Clause (n) of Section 2 shall admit in class I, to the extent of at least twenty-five per cent of the strength of that class, children belonging to weaker section and disadvantaged group in the neighbourhood and provide free and compulsory elementary education till its completion".

However, in case the CCI is situated at a distance or at another location, then the child will be admitted in similar school where in other inmates of the CCI are studying. However, where ever feasible, priority will be given to these children in admission in OAV, KV or any other Govt school with in their criteria.

3.2.4. For higher education, the child will be linked with the Department of Higher Education's "Green Passage" scheme for further education.

3.2.5. CWC in coordination with the DCPU, Tahasildar and police shall take adequate steps for protection of assets and other properties of the child.

3.2.6. DCPU shall provide personalised attention to such child and regular personal follow up shall be done to ensure that the interest of the child is well protected and proper care is extended to the child.

3.2.7. Assistances as specified under Biju Shishu Surakshya Yojana, Juvenile Justice Fund will be available to such children if otherwise found eligible.

3.2.8. Any other assistance as decided by the Govt from time to time including special requirement, if any, of the child.

**3.3. For category 2(C): In case the child continues living with the remaining parent:**

3.3.1. A sum of Rs.1,500 per month till the child attains 18 years of age will be electronically transferred to the bank account of the remaining parent / child towards maintenance, health, education etc. of the child. However, in case the child is surrendered and placed on adoption, the financial support will be discontinued.

3.3.2. The mother of the child will be provided widow pension under Madhu Babu Pension Yojana if otherwise found eligible.

3.3.3. The Child and remaining parent, if found eligible, will be enrolled under National Food Security Act or State Food Safety scheme.

3.3.4. The child will be covered under the State health assurance scheme: Biju Swasthya Kalyan Yojana.

3.3.5. The child will be facilitated to continue his/her study free of cost in various Govt run schools.

3.3.6. CWC and DCPO will provide personalised attention to such child and regular personal follow up shall be done by DCPU to ensure that the interest of the child is well protected and proper care is extended to the child.

3.3.7. Assistances as specified under Biju Shishu Surakshya Yojana, Juvenile Justice Fund will be available to such children if otherwise found eligible.

3.3.8. Any other assistance as decided by the Govt from time to time including special requirement, if any, of the child.

4. **Implementing Agency**

The existing structure under Child Protection Services (CPS) shall be the implementing agency for these provisions in the State, i.e. OSCPS at the State level and DCPU at the district level.

5. **Process for approval**:

   1. District Child Protection Unit (DCPU) shall identify children through CHILDLINE, Child Protection Committees at GP and block level, Frontline Workers, Civil Society Organization etc., and will prepare proper SIR and collect proper supporting documents.

   2. Collector and District Magistrate will ensure that identification of such specially cared children through special drive is done every year on a regular basis to ensure that no eligible child is left out. Data base of such children will be maintained by OSCPS at the State level.

   3. Eligible child, his/her care giver family can directly apply before the DCPU along with death certificates. After SIR and enquiry, the claim will be processed by the DCPO preferably within 30 days of application.

   4. The DCPU is designated as the competent authority for issuing the "specially care child certificate" to avail the benefits. I-card shall also be issued to each such child.

   5. DCPO will after due enquiry submit the claim before the Collector and District Magistrate who will be the sanctioning authority for various assistance under the scheme.

   6. Financial assistance will be released by DCPO to the account of the beneficiary/care giver family/ remaining parent as mentioned above.

   7. The CWC and DCPU in coordination with frontline workers of Department of Women and Child Development shall make follow up visits and record the reports of progress of every child.

8. DCPU shall submit monthly progress report to OSCPS in the prescribed format.

9. DCPU will coordinate with District level officials of various departments to ensure that all benefits are extended to such children.

10. Any gap in fund requirements or special requirements for any child will be met from CMRF.

6. **Grievance Redressal**

Collector and District Magistrate will be the grievance redressal authority under the Scheme.

In case any child is in extreme difficulty due to death of any of the care giver not covered under eligibility criteria stated above on or after 1st April 2020 and compelling humanitarian ground exists, then Collector and District Magistrate may after due diligence and personal satisfaction provide assistance under clause 3.2 or 3.3 above as the case may be.

By Order of Governor

20/6/21

Principal Secretary to Govt.

***